ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ, ଭୁବନେଶ୍ୱର
ରୂପାଲି ଛକ, ଭୁବନେଶ୍ୱର- ୭୫୧୦୨୨
ଫୋନ-୦୬୭୪-୨୫୪୨୪୭୫ / ୨୫୪୨୬୧୭. ଫ୍ୟାକ୍ସ -୨୫୪୪୮୨୮,
ଇମେଲ୍ - admin@tdccorissa.org

---

ପତ୍ର ସଂଖ୍ୟା: ୧୧୪୬ /ଟି.ଡି.ସି.ସି. ତା. ୧୧.୦୬.୨୦୨୦

ପ୍ରେରକ

ଶ୍ରୀ ସନତ୍ କୁମାର ମହାନ୍ତି, ଓ.ପ୍ର.ସେ (ବରିଷ୍ଠ ପ୍ରଶାସନିକ ଶ୍ରେଣୀ)
ପରିଚାଳନା ନିର୍ଦ୍ଦେଶକ

ପ୍ରାପ୍ତେଷୁ:

ସମସ୍ତ ଜିଲ୍ଲା ଅଧିକାରୀ,
ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ,

ବିଷୟ: ସର୍ବ ନିମ୍ନ ସହାୟକ ମୂଲ୍ୟ ଯୋଜନାରେ ଲଘୁ ବନ ଜାତ ଦ୍ରବ୍ୟର ସଂଗ୍ରହ

ମହାଶୟ,

ନିଗମର ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିବେଦନ କରାଯାଉଛି ଯେ, ସେମାନେ ପ୍ରାଥମିକ ସଂଗ୍ରହକାରୀ ଏଜେନ୍ସି, ବନ ଧନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ମାନଙ୍କଠାରୁ ଲଘୁ ବନ ଜାତ ଦ୍ରବ୍ୟ ସଂଗ୍ରହ କରି ଏବଂ ତାହାର ମୂଲ୍ୟ ପ୍ରଦାନ କଲାବେଳେ ନିମ୍ନଲିଖିତ ନିୟମ ପାଳନ କରିବେ :-

୧. ପ୍ରାଥମିକ ସଂଗ୍ରହକାରୀ ଏଜେନ୍ସି, ବନ ଧନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ମାନଙ୍କଠାରୁ ଲଘୁ ବନ ଜାତ ଦ୍ରବ୍ୟ କ୍ରୟ କରିଲାବେଳେ ସେମାନଙ୍କଠାରୁ ସଂଗ୍ରହ କରିଥିବା ପ୍ରାଥମିକ ସଂଗ୍ରହକାରୀମାନଙ୍କ ନାମ, ଠିକଣା, ଫୋନ ନଂ, ବ୍ୟାଙ୍କ ଆକାଉଣ୍ଟର ସଂମ୍ପୁର୍ଣ୍ଣ ବିବରଣୀ ସହ ଏହାର ଏକ ନକଲ ଆପଣଙ୍କ ଠାରେ ଦାଖଲ କରିବେ।

୨. ନିଗମର ଜିଲ୍ଲା ଅଧିକାରୀମାନେ ପ୍ରାଥମିକ ସଂଗ୍ରହକାରୀ ଏଜେନ୍ସି, ବନ ଧନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ଗୁଡିକୁ ଲଘୁ ବନ ଜାତ ଦ୍ରବ୍ୟ ପ୍ରଦାନ କରିଥିବା ପ୍ରାଥମିକ ସଂଗ୍ରହକାରୀମାନଙ୍କର ଉପରୋକ୍ତ ବିବରଣୀ ଗୁଡିକୁ ସଂଗ୍ରହ କରିବା ପାଇଁ ଅନୁରୋଧ କରିବେ ।

୩. ନିଗମର ଜିଲ୍ଲା ଅଧିକାରୀମାନେ ସଂମ୍ପୂର୍ଣ୍ଣ FAQ (ଚଳନୀୟ ହାରାହାରି ଗୁଣ) ଅନୁଯାୟୀ ଯାଞ୍ଚ କଲାପରେ ଉପରୋକ୍ତ ସଂସ୍ଥା ମାନଙ୍କଠାରୁ ଲଘୁ ବନ ଜାତ ଦ୍ରବ୍ୟ ଗ୍ରହଣ କରିବେ ଏବଂ ତାହାର ସର୍ବ ନିମ୍ନ ସହାୟକ ମୂଲ୍ୟ ପ୍ରାଥମିକ ସଂଗ୍ରହକାରୀମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରିବେ ।

୪. ଉପରୋକ୍ତ ନିୟମ ପାଳନ କରି ଜିଲ୍ଲା ଅଧିକାରୀମାନେ ସୁନିଶ୍ଚିତ ହେବେ ଯେ, କ୍ରୟ କରାଯାଇଥିବା ଲଘୁ ବନ ଜାତ ଗୁଡିକ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ଗ୍ରହଣ କରାଯାଇଅଛି ଏବଂ ସେମାନେ ସେମାନଙ୍କର ଉପଯୁକ୍ତ ପାଉଣା ପାଇବାରୁ ବଚିଂତ ହେଉ ନାହାଁନ୍ତି ।

୫. ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦେବା ପରେ ପ୍ରାଥମିକ ସଂଗ୍ରହକାରୀ ଏଜେନ୍ସି, ବନ ଧନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ମାନଙ୍କୁ ସେମାନଙ୍କର ପ୍ରାପ୍ୟ କମିଶନ ଯଥା ଦ୍ରବ୍ୟର ମୂଲ୍ୟର ୨ଶତାଂଶ ଅର୍ଥ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରିବେ ।

ଏହି ନିର୍ଦ୍ଦେଶ ଆଦିବାସୀ ଲଘୁ ବନ ଜାତ ଦ୍ରବ୍ୟ ସଂଗ୍ରହକାରୀ ମାନଙ୍କର ହିତରେ ଜାରି କରାଯାଉଅଛି । ଏହି ନିର୍ଦ୍ଦେଶ ଅବମାନନା କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆପଣଙ୍କ ବିଶ୍ୱସ୍ତ,

ପରିଚାଳନା ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା: ୧୧୪୭/ ଟି.ଡି.ସି.ସି ତା.୧୧.୦୬.୨୦୨୦

ଏହାର ଏକ କିତା ନକଲ ସ୍ୱତନ୍ତ୍ର ଅଧିକାରୀ , ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡିଶା ସରକାର,ଭୁବନେଶ୍ୱର ଗୋଚରାର୍ଥେ ପ୍ରେରଣ କରାଗଲା ।

ପରିଚାଳନା ନିର୍ଦ୍ଦେଶକ